
# ଭାରତବର୍ଷର
# ଗତି କୁଆଡ଼େ ?



ମନୋଜ ଦାସ

ପୁନଃ ମୁଦ୍ରଣ:
**ଗାଉଁଲି ବିଚାର, ଭୁବନେଶ୍ୱର**
ଏପ୍ରିଲ, ୨୦୦୯

Re 1/-

# ଭାରତ ବର୍ଷର ଗତି କୁଆଡ଼େ ?

ଆନ୍ତର୍ଜାତିକସ୍ତରରେ ସୁପରିଚିତ ଏବଂ ବିଶିଷ୍ଟ ଦାର୍ଶନିକ, ଚିନ୍ତକ ମନୋଜ ଦାସଙ୍କୁ କେହି ଜଣେ "ଭାରତ ବର୍ଷର ଗତି କୁଆଡ଼େ...." ପ୍ରଶ୍ନଟି ପଚାରିବା ପରିପ୍ରେକ୍ଷୀରେ ମନୋଜ ଦାସ ଏହି ଲେଖାଟି ଲେଖିଥିଲେ ଏବଂ ଗତ ୧୫.୦୮.୦୮ (ସ୍ୱାଧୀନତା ବିଶେଷାଙ୍କ) ସମାଜରେ ତାହା ପ୍ରକାଶ ପାଇଥିଲା। ମୋର ବିଶ୍ୱାସ ଆମମାନଙ୍କ ଭିତରୁ ପ୍ରାୟ ସମସ୍ତେ ନିଜକୁ ନିଜେ ମଧ୍ୟ ଏହି ପ୍ରଶ୍ନ ପଚାରିଥାଉ, ଯଦିଓ ଏହାର କୌଣସି ଉତ୍ତର ମିଳେନାହିଁ କିମ୍ବା ଯଦି ମିଳିଥାଏ ତେବେ ନିରାଶବୋଧ ହିଁ ଆସିଥାଏ। ତେବେ ଏହି ଲେଖାଟିରେ ମନୋଜ ଦାସ ଯେଭଳି ସୁନ୍ଦରଭାବେ ଆମର ସାମ୍ପ୍ରତିକ ସମସ୍ୟା ସବୁର ବିଶ୍ଲେଷଣ କରିଛନ୍ତି ଏବଂ ବ୍ୟକ୍ତିଗତସ୍ତରରେ ଆଧ୍ୟାତ୍ମିକତାର ବିକାଶର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସୂଚାଇଛନ୍ତି ତାହା ଆମ ସମସ୍ତଙ୍କୁ ପ୍ରେରଣାଦାୟକ ହେବ ବୋଲି ଆଶା। ଏହି ଲେଖାଟି ହୁଏତ ଆପଣମାନେ ଆଗରୁ ପଢିସାରିଥିବେ। ତଥାପି ଗାଉଁଲିବିଚାର ଏବଂ ଏସ୍.ଭି.ଏ ସହିତ ସଂପୃକ୍ତ ସମସ୍ତଙ୍କ ଉଦ୍ଦେଶ୍ୟରେ ଏହାର କେତେକ କପି ପୁର୍ନମୁଦ୍ରିତ କରୁଅଛୁ। ମୋର ଦୃଢ଼ ବିଶ୍ୱାସ ଏହା ସମସ୍ତଙ୍କୁ ପ୍ରେରଣାଦାୟକ ହେବ। ଏହି ଲେଖାଟି ନିଜେ ପଢିବାପରେ ଅନ୍ୟମାନଙ୍କୁ ମଧ୍ୟ ପଢିବାକୁ ଦେବାକୁ ଅନୁରୋଧ।ଇତି।

୨୭.୦୪.୨୦୦୯

ଜଗଦୀଶ ପ୍ରଧାନ
ସଭାପତି,ସହଭାଗୀ ବିକାଶ ଅଭିଯାନ

# ମୋ ସତ୍ତାର ଅନ୍ଧକାରେ ଭାରତର ଆତ୍ମା ଆବରିତ

-ଶ୍ରୀ ମନୋଜ ଦାସ

"ଭାରତବର୍ଷର ଗତି କୁଆଡ଼େ ? ଆଜି ଜୟପୁରରେ ତ କାଲି ଅହମ୍ମଦାବାଦ୍‌ରେ ବୋମା ବିସ୍ଫୋରଣ ନିରୀହ ସମାବେଶକୁ ରକ୍ତାକ୍ତ କରି; ଜାତିଗତ, ଉପଜାତିଗତ ଦଙ୍ଗା-ନିଃସଙ୍କୋଚ ରାଜନୈତିକ କ୍ରୟବିକ୍ରୟ-ମୁଦ୍ରାସ୍ଫୀତି-ଦୁର୍ଘଟଣା ପରେ ଦୁର୍ଘଟଣା, କଥାକଥାକେ ରାସ୍ତାରୋକୋ ଏବଂ ହିଂସାଘର -ଏସବୁ ଭିତରେ ଏ ଦେଶ ତିଷ୍ଠିବ କେମିତି ?"

ଟେଲିଫୋନ୍ ଯୋଗେ କିଛି କିଛି ଦିନ ଅନ୍ତରରେ ଯିଏ ଏ ପ୍ରଶ୍ନ କରିଥାନ୍ତି ସେ ଜଣେ ପ୍ରବୁଦ୍ଧ ଓ ବିଶୁଦ୍ଧ ଭାରତ ପୂଜକ । ଭାରତମାତାଙ୍କ ସମ୍ଭ୍ରାନ୍ତ ସନ୍ତାନ । ସେ ଯେ ଏ ଲେଖକଠାରୁ କୌଣସି ଉତ୍ତର ଆଶା କରୁଥାନ୍ତି, ତାହା ନୁହେଁ । ସେ ଉତ୍ତମ ରୂପେ ଜାଣନ୍ତି, ଏ ପ୍ରଶ୍ନର ପ୍ରତ୍ୟକ୍ଷ ଉତ୍ତର ଦେବାର ଶକ୍ତି ଏ ଲେଖକର ନାହିଁ । ଯଦି କାହାର ଥିବ, ସେଭଳି ବିଜ୍ଞ ବ୍ୟକ୍ତି ଆମ ହାତପାଆନ୍ତାରେ ନାହାନ୍ତି । ସେ ନିଜର ବ୍ୟଥା ପରିବେଷଣ କରନ୍ତି, ଏ ଲେଖକ ମଧ୍ୟ ଅନୁରୂପ ବ୍ୟଥିତ ବୋଲି ଜାଣି । ସେ ଏ ଲେଖକ ପ୍ରତି ସମବେଦନା ଜ୍ଞାପନ କରୁଥାନ୍ତି; ଏ ଲେଖକର ତାଙ୍କ ପ୍ରତି ସମବେଦନାର ସ୍ପନ୍ଦନ ମଧ୍ୟ ଅନୁଭବ କରୁଥାନ୍ତି ।

ଭାରତର ବ୍ୟାପକ ନିଶ୍ଚେଷ୍ଟ ଜନତାକୁ ଏ ପ୍ରଶ୍ନ ଉଦ୍‌ବେଳ କରି ରଖୁଛି । ସମସ୍ୟାର ସମାଧାନ ରାଜନୀତିରେ ନିହିତ ବୋଲି କେହି ମନେକରେ ତ ଆଉ କେହି ମନେ କରେ ଅର୍ଥନୀତିରେ । କିଏ କହେ ସାଂସ୍କୃତିକ ଅବକ୍ଷୟ ଏ ଅବସ୍ଥା ପାଇଁ ଦାୟୀ, ପୁଣି ଆଉ କେହି କହେ ଆମର ଦିଗ୍‌ଭ୍ରାନ୍ତ ଶିକ୍ଷା ପଦ୍ଧତି ହିଁ ଏ ବିଭ୍ରାଟର ହେତୁ । କେହି କେହି ଚିନ୍ତାଶୀଳ ବ୍ୟକ୍ତି ସାମାଜିକ ଓ ସାମୂହିକ ଜୀବନରେ ସବୁପ୍ରକାର ମୂଲ୍ୟବୋଧର ତିରୋଧାନକୁ ଏ ପାଇଁ ଦାୟୀ କରନ୍ତି ।

ଆମ ମହାଜାତି ଯେ ଅଧୁନା ଅଧଃପତିତ, ସବୁଠୁଁ ବଡ଼ ଭାରତବତ୍ସଳ ମଧ୍ୟ ଏତକ ସ୍ୱୀକାର କରିବେ । ଏ ଅଧଃପତନର ଉପରୋକ୍ତ ହେତୁମାନ ମଧ୍ୟ ସତ୍ୟ । କିନ୍ତୁ ବ୍ୟାଧି ନିରୂପଣ ଏବଂ ବ୍ୟାଧି ନିରାକରଣ - ଏ ଦୁଇ ଅବସ୍ଥା ଭିତରେ ଦୂରତା ବହୁତ ହୋଇପାରେ । ଏ କ୍ଷେତ୍ରରେ ତାହା ହିଁ ବାସ୍ତବତା ।

କିନ୍ତୁ ଅନ୍ୟ ଏକ ଦୃଷ୍ଟିରୁ ଦେଖିଲେ ବ୍ୟାଧିର ରୂପ ନିରୂପଣ କାଠିକର ନୁହେଁ ବୋଲି ମନେ ହେବ । ରାଜନୈତିକ ଦୂଆଳିଆତ୍ୱ ବାସ୍ତବ । ଯେଉଁ ବିଶାଳ ଉପମହାଦେଶରେ ଗୋଟିଏ ନିର୍ଦ୍ଦିଷ୍ଟ ପରିବାରର ପୁତ୍ର, କନ୍ୟା, ପୌତ୍ର ବା ପୁତ୍ରବଧୂ ନ ହେଲେ ଦେଶର ପ୍ରାଚୀନତମ ତଥା ବୃହତ୍ତମ ରାଜନୈତିକ ସଂସ୍ଥାକୁ ଆଉ କେହି ହେଲେ ନେତୃତ୍ୱ ଦେଇପାରନ୍ତି ନାହିଁ, ଯେଉଁ ଦେଶର ଏକ ରାଜ୍ୟରେ ମୁଖ୍ୟମନ୍ତ୍ରୀଟିଏ ଚୌକିଚ୍ୟୁତ ହେବାର ବେଳ ଆସିଗଲେ ରୋଷେଇ ଘର ଭିତରୁ ପତି ପରମଗୁରୁ ଧର୍ମୀ ନିରକ୍ଷରୀ ପତ୍ନୀକୁ ଆଖି ପଲକରେ ଧରିଆଣି ସେ ଦୁର୍ଲଭ ଚୌକିରେ ବସେଇ ଦିଏ ଏବଂ ଦଳପତି ପରମଗୁରୁ ଧର୍ମୀ ମନ୍ତ୍ରୀ, ବିଧାୟକବର୍ଗ ନିର୍ବିକାର ସେ ମଧ୍ୟଯୁଗୀୟ ବ୍ୟବସ୍ଥା ଗ୍ରହଣ କରିନିଅନ୍ତି, ଯେଉଁ ଦେଶର ବିଭିନ୍ନ ବିଧାନସଭାକୁ ଅବିସମ୍ବାଦିତ ଡାକୁ, ଦାଗୀ ଓ ଘାତକମାନେ ନିର୍ବାଚିତ ହୁଅନ୍ତି, "ଶତେକ ଡକାଏତି ଏବଂ ଅର୍ଦ୍ଧଶତ ହତ୍ୟା ମୋକଦ୍ଦମାରେ ଜଡ଼ିତ ବ୍ୟକ୍ତିଟିଏ ମାନ୍ୟବର ବିଧାୟକ ବନିଯାଏ", ସେ ଦେଶ ଯେ ଗଣତନ୍ତ୍ରର ଯୋଗ୍ୟ ନୁହେଁ, ଏତକ ଅସ୍ୱୀକାର କରିବା ହେବ ଆତ୍ମପ୍ରତାରଣା । (ଉଦ୍ଧୃତି

ଭିତରେ ଥିବା ଶବ୍ଦ କେତୋଟି ଯେଉଁ ବିଦେଶୀ ପର୍ଯ୍ୟବେକ୍ଷକଙ୍କ ଲେଖାରୁ ଆହୃତ, ତା'ର ମୂଳ ଭାଷା ହେଲା : "Indeed, things were now so bad that the criminals and the politicians of the state were said to be virtually interchangeable: no fewer than thirty-three of Bihar's State Assembly MLAs had criminal records, and a figure like Dular Chand Yadav, who had a hundred cases of dacoity and fifty murder cases pending against him, could also be addressed as Honourable member for Bar." -*The Age of Kali by W.Dalrympon*

ବିଦେଶିନୀ ବୋହୂଟିଏ, ପ୍ରଥମେ ନିଜର ସଚ୍ଚା ଅନିଚ୍ଛା ସତ୍ତ୍ୱେ କ୍ରମେ ସମ୍ଭବତଃ ଆମ ସ୍ୱଦେଶୀ ନେତୃବର୍ଗଙ୍କ ବିକଳ ବାଳୁତପ୍ରାୟ ଅସହାୟତା ଦେଖି ବାତ୍ସଲ୍ୟ କରୁଣାବଶତଃ ସେ ଐତିହାସିକ ଦଳର ନେତୃତ୍ୱ ଗ୍ରହଣ କରି ସେ ଅର୍ଦ୍ଧଛେଉଣ୍ଡ ଶିଶୁଙ୍କ ତରଫରୁ କଷ୍ଟେମଷ୍ଟେ ଦେଶୀ ଭାଷା ଯୋଗେ ଭାରତୀୟ ଜନତାକୁ ବୁଝେଇଶୁଝେଇ ଯଦି ନିଜ ଗାର୍ଜିନତ୍ୱ ସଫଳ ପ୍ରତିପାଦିତ କରିପାରିଲେ, ଯଦି ନିରକ୍ଷରୀ ପତ୍ନୀଟି ପକ୍ଷରେ କାରାରୁଦ୍ଧ ପତିଙ୍କ ପାଦୁକା ପୂଜନ କରିବାଟା ହିଁ ଲୋକଙ୍କ ପାଇଁ ଯଥେଷ୍ଟ ଶାସନ ଦକ୍ଷତାର ପ୍ରମାଣ ହୋଇପାରିଲା, ତେବେ ତାହା ଯଥାକ୍ରମେ ବୋହୂ ମା ଏବଂ ପତିପ୍ରାଣା ପତ୍ନୀଙ୍କ ବ୍ୟକ୍ତିଗତ କୃତିତ୍ୱ । ସେଥିରେ ଭାରତବର୍ଷର ରାଜନୀତିକ ବିଡ଼ମ୍ବନା ସୁଧାରି ହୋଇଯିବାର ସମ୍ଭାବନା ନାହିଁ ।

ଅର୍ଥନୀତିକ ଦୁର୍ଦ୍ଦଶାର ଆନ୍ତର୍ଜାତିକ ହେତୁ ଥାଇପାରେ, କିନ୍ତୁ ଯାହା ଭୟଙ୍କର ତାହା ଖାସ୍ ଜାତୀୟ ହେତୁ ଯେକୌଣସି ଯୋଜନା ସକାଶେ ଉଦ୍ଦିଷ୍ଟ ଅର୍ଥର ଅର୍ଦ୍ଧାଧିକ ପରିମାଣ ନେତା, କର୍ମଚାରୀ ଓ କର୍ମୀଙ୍କ ଗୋପନ ଗନ୍ତାଘରେ ଉପନୀତ ହେବା, ଅସାଧୁ ବ୍ୟବସାୟୀମାନେ ଚାହିଦା ଓ ଯୋଗାଣ ପଦ୍ଧତିକୁ କୃତ୍ରିମ ଭାବରେ ନିୟନ୍ତ୍ରଣ କରିବା, ପୁଞ୍ଜିପତିମାନେ ଜାତୀୟ ସମ୍ବଳକୁ ନିଜ ସ୍ୱାର୍ଥର ସାମ୍ରାଜ୍ୟ ପ୍ରସାରଣ ଦିଗରେ ପଥଭ୍ରଷ୍ଟ କରିବା ଏହି କାରଣ ତାଲିକାର ଅନ୍ତର୍ଭୁକ୍ତ ।

ସଂସ୍କୃତିର ଅବକ୍ଷୟ କଥା କହିବା ବାହୁଲ୍ୟ ମାତ୍ର । ବର୍ତ୍ତମାନ ସଂସ୍କୃତିର ବାର୍ତ୍ତାବହ, ମାଧ୍ୟମ, ଅଭିଭାବକ ତଥା ମାନଦଣ୍ଡ ହେଲା ଟିଭି । ଭାରତର ଜଣେ ମାନ୍ୟଗଣ୍ୟ ସାମ୍ବାଦିକ, 'ହିନ୍ଦୁସ୍ଥାନ ଟାଇମ୍ସ'ର ପୂର୍ବ ସମ୍ପାଦକ ଓ 'National Union of Journalists'ର ଅନ୍ୟତମ ପ୍ରତିଷ୍ଠାତା ହିରଣ୍ମୟ କାର୍ଲେକାରଙ୍କ ବକ୍ତବ୍ୟ : ସମ୍ବାଦପତ୍ରଜଗତକୁ ଆଜି ଟିଭି ତା'ର ଉପନିବେଶରେ ପରିଣତ କରିଛି । ଟିଭିର ଆଭିମୁଖ୍ୟ ହେଲା ଲୋକଙ୍କୁ ଆମୋଦ ଯୋଗାଇବା; ସେମାନଙ୍କୁ ଗମ୍ଭୀର ଓ ଗଭୀର ଭାବନାରୁ ଦୂରେଇ ରଖିବା । (What is happening can only be described as the colonisation of print media by television. The latter is imposing its culture on the former in the same way colonial powers imposed theirs on the colonised.... The trend is destined to gain further momentum. As the market economy has society more completely in its grip, people drained by the effort to hold their own in an increasingly competitive environment, are increasingly inclined to seek nothing but entertainment are increasingly

inclined to seek nothing but entertainment outside working hours.")

ଭାରତରେ ଏହାର ପରିଣତି କ'ଣ ? ମନ-ବିଶ୍ଳେଷକ ସୁଧୀର କାକାର କହୁଛନ୍ତି- ଭାରତରେ ଏହା ମାଦକ ନିଶାରେ ପରିଣତ ହୋଇଛି । (Television viewing has become the Indian drug of choice. As the drug suppliers, offering more and more channels and inane programmes to fill them, celebrate the mass addiction, cautionary voices warning of the dangers tend to be lost in the self congratulatory cacophony of the pushers and users.")

**ଏହିସବୁ ସ୍ୱାର୍ଥାନ୍ଧ ଚ୍ୟାନେଲଗୁଡ଼ିକର ପ୍ରଭାବ ସମାଜରେ କେଡ଼େ ଭୟାବହ, ହିଂସା ଓ ନାନାଦି ବିକୃତି କିପରି ଏହା ସହ ପ୍ରତ୍ୟକ୍ଷ ଭାବରେ ଜଡ଼ିତ, ସୁଧୀର କାକାର ସେକଥା ସମ୍ପ୍ରତି ଦର୍ଶାଇଛନ୍ତି; କିନ୍ତୁ ଦର୍ଶାଇବା ଦରକାର କ'ଣ ? ଯାହା ହେଉଛି, ତାହା କାହାରି ଅଲକ୍ଷ୍ୟରେ ହେଉନାହିଁ ।**

ଭାରତବାସୀ ଯେଭଳି କ୍ଷିପ୍ରଗତିରେ ଏହି ନିଶା ପାଖରେ ଆତ୍ମସମର୍ପଣ କରୁଛନ୍ତି, ବାପାମାଆମାନେ ଯେଭଳି ଲୋଭାତୁର ଢଙ୍ଗରେ କୁନିକୁନି ବଂଶଧରଙ୍କୁ ମୁନାଫା-ମତୁଆଲା ଟିଭି ପ୍ରଯୋଜକଙ୍କ ରୁଚିହୀନ ପ୍ରତିଯୋଗିତା ଭିତରକୁ ଠେଲିପେଲି ଦେଇ ସେମାନଙ୍କୁ ଉତ୍ତେଜନାପ୍ରବଣ ଓ ପ୍ରତିଯୋଗୀ ମାନସିକତା ସର୍ବସ୍ୱ ବିକଳ ଜୀବରେ ପରିଣତ କରୁଛନ୍ତି, ମନେ ହେବ ଭାରତରେ ଅନ୍ୟ କୌଣସି ମୂଲ୍ୟବୋଧ ନ ଥିଲା, ନ ଥିଲା ସତ୍‌ସାହିତ୍ୟ, ନ ଥିଲା ଶାସ୍ତ୍ରୀୟ ସଙ୍ଗୀତ ଅଥବା କଳା-ପ୍ରସୂତ ନୃତ୍ୟ ।

ମୂଲ୍ୟବୋଧର ଅବକ୍ଷୟ ଏକ ସନ୍ଦେହାତୀତ ବାସ୍ତବତା । ଏକଦା ରାଜଭକ୍ତି ଥିଲା ମହତ୍ୱର ପରିଚୟ । ଆଜି ସେ ପରମ୍ପରା ସ୍ମୃତିମାତ୍ର । ସମାଜକୁ ଐକ୍ୟବଦ୍ଧ ରଖୁଥିଲା ଧର୍ମ ଓ ଧର୍ମାନୁଷ୍ଠାନ । ଆଜି ଆନୁଷ୍ଠାନିକ ଧର୍ମାଚରଣର ଯୁଗ ବାସ୍ତବରେ ଅତୀତ । ପୂଜାପାର୍ବଣ ପ୍ରବଳ ଘମାଘୋଟରେ ହୁଏ ଭକ୍ତିର ପ୍ରାବଲ୍ୟ ଯୋଗୁଁ ନୁହେଁ, ସାହି ସାହି ଭିତରେ ସମଷ୍ଟିଗତ ଅହଂର ପ୍ରତିଯୋଗିତା ଏବଂ ଖର୍ବ ନେତାମାନଙ୍କ ପ୍ରତିପତ୍ତି ପ୍ରତିଷ୍ଠା ପାଇଁ । ସ୍ୱାଧୀନତା ପୂର୍ବରୁ ମାତୃଭୂମି ପାଇଁ ତ୍ୟାଗ ଥିଲା ଏକ ବିଶେଷ ପ୍ରେରଣା । ଆଜି ସେ ପରିପ୍ରେକ୍ଷୀ ଅନୁପସ୍ଥିତ । ମାତୃଭୂମି ଆଜି ଆମେ ଯେତେ ପାରିବୁ ସେତେ ଶୋଷଣ କରିବାର ଏକ ଭୂମି; ସମଗ୍ର ଦେଶ ଆମ ପାଇଁ ଏକ କଞ୍ଚାମାଲ । ଏଥିରୁ ଉଦ୍ଭୁତ ମୁନାଫାକୁ ନେଇ ଆମେ କେତେଦିନ ପାଇଁ କ'ଣ ବା କରିବୁ, ସେ ପ୍ରଶ୍ନ ଆମ ଭିତରେ ଜାଗରିତ କରନ୍ତା ଯେଉଁ ଆଧାତ୍ମିକ ଚେତନା, ତାହା ଏ ପର୍ଯ୍ୟନ୍ତ ପ୍ରତିଷ୍ଠା ପାଇନାହିଁ । ଆଧାତ୍ମିକତାର ଦ୍ୱାହିଦେଇ ଅବଶ୍ୟ ଗୁଡ଼ିଏ ସଂସ୍ଥା କର୍ମରତ ।

ଏଯାଏ ଲେଖକ ତା'ର ପର୍ଯ୍ୟବେକ୍ଷଣ ପରିବେଷଣ କରୁଛି ଗତାନୁଗତିକ ପ୍ରାୟ ଏକ ଦୃଷ୍ଟିକୋଣରୁ । ବର୍ତ୍ତମାନ ଭିନ୍ନ ଏକ ଦୃଷ୍ଟିକୋଣରୁ ବିଚାର କରିବା ଆସନ୍ତୁ ।

**ସହସ୍ର ଦେଶପ୍ରେମୀଙ୍କୁ ବଳିଦେଇ, ଅକଥନୀୟ ଅତ୍ୟାଚାର ସହ୍ୟକରି ଯେଉଁ ମହାନ୍ ରାଜନୈତିକ ଦଳ ଦେଶକୁ ବିଦେଶୀ କବଳରୁ ମୁକ୍ତ କରିବାରେ ପ୍ରମୁଖ ଭୂମିକା ନେଲା, ସେହି ଦଳ ପୁଣି ଜଣେ ବିଦେଶିନୀକୁ ନିଜର ସର୍ବମୟ କର୍ତ୍ତୃତ୍ୱର ବତ୍ରିଶ ସିଂହାସନରେ ବସାଇ ଦେଲା । ଆପାତ ଦୃଷ୍ଟିରେ ବିସଦୃଶ ଏ ଦୃଶ୍ୟର ଅନ୍ୟ ଏକ ଦିଗ ନାହିଁ ବୋଲି କହିହେବ କି ? ଏହା ଭାରତର ଉଦାର ଆନ୍ତର୍ଜାତିକ ମନୋଭାବର ଉଦାହରଣ ନୁହେଁ କି ? ଏକଦା କେବଳ ଧର୍ମ ଓ ଆଧାତ୍ମିକତା କ୍ଷେତ୍ରରେ ପ୍ରବର୍ତ୍ତକ ବା ଗୁରୁଙ୍କ ଜାତୀୟତା ଅପ୍ରାସଙ୍ଗିକ ଥିଲା । ସେ ବିଶ୍ୱମାନବ ଭାବରେ ପରିଗଣିତ ହେଉଥିଲେ ଏବଂ ହେଉଛନ୍ତି । ବୁଦ୍ଧ**

ଭାରତୀୟ ହେଲେ ବି ବୌଦ୍ଧ ଦେଶ ହେଲା ଥାଇଲାଣ୍ଡ । ଯୀଶୁଖ୍ରୀଷ୍ଟ ପ୍ରାଚ୍ୟବାସୀ ହେଲେ ବି ତାଙ୍କ ଶିକ୍ଷା ମୁଖ୍ୟତଃ ପାଶ୍ଚାତ୍ୟର ଧର୍ମ । ଆଜି ରାଜନୀତିରେ ଗୁରୁସ୍ଥାନୀୟ ନେତାଙ୍କୁ ଜାତୀୟତାର ଊର୍ଦ୍ଧ୍ୱକୁ ନେଇଯିବା ରାଜନୀତିର କ୍ଷୀଣ ମାତ୍ରାରେ ହେଲେ ବି ଆଧ୍ୟାତ୍ମିକରଣ ନୁହେଁ କି ?

ସେମିତି, ଜଣେ ନିରକ୍ଷରୀ ମହିଳାଙ୍କୁ ବିନା ଭୂମିକାରେ ମୁଖ୍ୟମନ୍ତ୍ରୀ ବନାଇଦେବା ଦ୍ୱାରା ଆମେ ବିଦ୍ୟାଳୟଗତ ଶିକ୍ଷା ତୁଳନାରେ ରୋଷେଇଘର ଏବଂ ଗୋଶାଳା ରୂପକ ଜୀବନ ବିଦ୍ୟାଳୟଗତ ଶିକ୍ଷାକୁ ଅଧିକ ମର୍ଯ୍ୟାଦା ଦେଇ ଆମ ପ୍ରଗତିଶୀଳତାର ପରିଚୟ ଦେଉନାହୁଁକି ? ଗାନ୍ଧିଜୀ ପରା ଜଣେ ହରିଜନ ବାଳିକାକୁ ଭାରତର ରାଷ୍ଟ୍ରପତି ଆସନରେ ଥାପିବା ସପକ୍ଷରେ ଥିଲେ ? ସେମିତି ଅପରାଧୀକୁ ମନ୍ତ୍ରୀ ପଦରେ ଅଭିଷିକ୍ତ କରିବା ପଛରେ "ପ୍ରତ୍ୟେକ ସାଧୁର ବି ଠିକ୍ ଅତୀତ ଥିଲା; ଏବଂ ପ୍ରତ୍ୟେକ ଅପରାଧୀର ବି ଏକ ଭବିଷ୍ୟତ ଅଛି" ଭଳି ମହତ୍ ଜ୍ଞାନ ଦ୍ୱାରା ଆମେ ପ୍ରେରିତ ହେଉନାହୁଁ କି ? ଆମ ପରମ୍ପରା ତ ପୁଣି ବାଲ୍ମୀକିଙ୍କ ଅତୀତକୁ ସ୍ୱୀକାର କରି ତାଙ୍କୁ ମହତ୍ତମ ସମ୍ମାନ ଓ ପ୍ରଣାମ ଜଣାଇଥାଏ ?

ନା, ଏ ଲେଖକ ବିଦ୍ରୂପ କରିବା ମାନସରେ ସମ୍ଭାବନାର ଏମନ୍ତ ଦିଗ ପ୍ରତି ପାଠକର ଦୃଷ୍ଟି ଆକର୍ଷଣ କରୁନାହିଁ । ଭାରତବର୍ଷ ବାସ୍ତବରେ ଏକ ବିଚିତ୍ର ଦେଶ; ଏକ ଅନନ୍ୟ ମହାଜାତି । ଏହାର ଆଧ୍ୟାତ୍ମିକ ଭିତ୍ତି ଜୀବନଧର୍ମୀ । ବେଦ ଉପନିଷଦ ସଂସାର ବିମୁଖ ବୈରାଗ୍ୟବାଦୀ ଶାସ୍ତ୍ର ନୁହନ୍ତି । କିନ୍ତୁ ଏକଦା ଯେତେବେଳେ ବୈଦିକ ସଂସ୍କୃତିର ଭୟାବହ ବିକୃତିକରଣ ଯୁଗରେ, ଅର୍ଥାତ୍ ବେଦର ଦୋହାଇ ଦେଇ ନ୍ୟସ୍ତସ୍ୱାର୍ଥ ଓ ବିବେକବର୍ଜିତ ରକ୍ଷଣଶୀଳମାନେ କୁସଂସ୍କାରକୁ ହିଁ ଶାସ୍ତ୍ର ରୂପେ, ହିଂସାଚାର ଓ ଉଚ୍ଚନୀଚ ଭେଦକୁ ଆଚାର ରୂପେ ସାବ୍ୟସ୍ତ କଲେ, ଅର୍ଥାତ୍ ଜୀବନ ହେଲା ଏକ ଦିଗ୍‌ଦର୍ଶନବିହୀନ ଅନର୍ଥକ ରୀତିନୀତିର ଦିନପଞ୍ଜି, ସେତେବେଳେ ବୁଦ୍ଧ ଉଭୟ ସାମାଜିକ ବିଦ୍ରୋହ ଏବଂ ଆଧ୍ୟାତ୍ମିକ ବିପ୍ଳବର ପ୍ରବର୍ତ୍ତକ ରୂପେ ଜୀବନକୁ ପ୍ରତ୍ୟାଖାନ କରି ନିର୍ବାଣ ଉଜିବାର ମାର୍ଗ ପ୍ରଦର୍ଶନ କଲେ । ପରବର୍ତ୍ତୀ କାଳରେ ବୁଦ୍ଧବାଦର ବିରୋଧ କରିବାକୁ ଅଗ୍ରସର ହୋଇ ଶଙ୍କରାଚାର୍ଯ୍ୟ ଯେତେବେଳେ ଉପସ୍ଥାପନ କଲେ ବ୍ରହ୍ମ ସତ୍ୟ ଜଗତ୍‌ମିଥ୍ୟା ତତ୍ତ୍ୱ, ସେତେବେଳେ ତାଙ୍କ ସମାଲୋଚକମାନେ ତାଙ୍କୁ ପ୍ରଚ୍ଛନ୍ନବୁଦ୍ଧ ଭାବରେ ଅଭିହିତ କରିବାରେ କିଛି ଭୁଲ ନ ଥିଲା । ଜୀବନ ମିଥ୍ୟା ନୁହେଁ; ଜୀବନ ହେଲେ ବ୍ରହ୍ମର ଏକ ଅଚେତନ ବା ଛଦ୍ମରୂପ, ପ୍ରାକ୍-ବୁଦ୍ଧ ଯୁଗର ଏ ସତ୍ୟ ଭାରତର ଚେତନାରେ ବଦ୍ଧମୂଳ ଥିଲା । ତହିଁ ଉପରେ ପ୍ରଚଣ୍ଡ ଆଘାତ ଦେଲା ବୌଦ୍ଧବାଦ ଓ ଶଙ୍କରଙ୍କ ମାୟାବାଦ । ବିଡ଼ମ୍ବନା ହେଲା ଏ ଦୁଇ ବାଦ ଉପସ୍କରଙ୍କୁ ଆକ୍ରମଣ କରିବାକୁ ଯାଇ ସେଭଳି ବିଭ୍ରାଟ ଉପୁଜାଇଲେ । ଏମନ୍ତ ବିଭ୍ରାଟ ଅଦ୍ୟାବଧି ଭାରତୀୟ ଚେତନାର ଏକ ଜୀବନ୍ତ ବାସ୍ତବତା । କେତେବେଳେ ଆମ ପାଇଁ ଜୀବନ ସତ୍ୟ ହେଲେ କେତେବେଳେ ପୁଣି ମାୟା ।

ଏହି ବିଭ୍ରାନ୍ତିର ସୁଯୋଗ ନେଇଛି ଆମର ଅହଂ ଏବଂ ଅଜ୍ଞାନତା । ସବୁ ମାୟା; ଅତଏବ ଦୁର୍ନୀତିରେ କ'ଣ ଯାଏ ଆସେ ! ଅପରାଧୀ, ମୂଢ଼, ମୂର୍ଖ ଓ ଧୂର୍ତ୍ତ ହାତକୁ କ୍ଷମତା ଗଲେ କ'ଣ ଯାଏ ଆସେ- ପ୍ରକୃତ କ୍ଷମତା ତ ବିଧି ହାତରେ ! ସ୍ୱାର୍ଥସିଦ୍ଧି ପାଇଁ ପ୍ରୟାସ କଲାବେଳେ ଆମ ପାଇଁ ଜୀବନ ବାସ୍ତବ; ସେ ପ୍ରୟାସରେ ବିଫଳ ହେଲେ ଆମ ପାଇଁ ଭାଗ୍ୟ ଓ ନିୟତି ବାସ୍ତବ ।

ନେତାର ସ୍ତାବକ ହେବାର ଭାରତୀୟର ସମକକ୍ଷ କେହି ନାହିଁ । ଜଣେ ମନ୍ତ୍ରୀ ବା ହବୁ-ମନ୍ତ୍ରୀ

ଶ୍ରୀମତୀ ଇନ୍ଦିରା ଗାନ୍ଧୀଙ୍କ ବାରଣ୍ଡାରେ କୁକୁର ହୋଇ ସେବାଦାନ କରିପାରିଲେ ମଧ୍ୟ ନିଜକୁ ଭାଗ୍ୟବାନ ମନେକରିବେ ବୋଲି ଘୋଷଣା କରିଥିଲେ । ସହସ୍ର ଜନତା ସମ୍ମୁଖସ୍ଥ ପ୍ରକାଶ୍ୟ ମଞ୍ଚରେ ବୟୋବୃଦ୍ଧମାନେ ଚିତ୍ରାଭିନେତ୍ରୀ ବେପାରରୁ ଗୋଟାଏ ବା ଦେଢ଼ଟି ମାତ୍ର ଲମ୍ଫ ଯୋଗେ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିବା ଜଣେ ନେତ୍ରୀଙ୍କ ପାଦତଳେ ଲୋଟିଯିବା ଭଳି ହୃଦୟବିଦାରକ ଦୃଶ୍ୟ ପୃଥିବୀର କୌଣସି ସଭ୍ୟ ବା ଅର୍ଦ୍ଧସଭ୍ୟ ଦେଶରେ ଦେଖିବାକୁ ମିଳିବ ନାହିଁ ।

କିନ୍ତୁ ଏଭଳି ଆଚରଣ ପଛରେ ମଧ୍ୟ ରହିଛି ବହୁଦର୍ଶନ, ବହୁ ଭାବଧାରା ସମ୍ମିଶ୍ରିତ ଭାରତୀୟ ମାନସିକତାର ଏକ ବିକୃତ ଅଭିବ୍ୟକ୍ତି । ଭଗବାନଙ୍କ ଠାଁ ସମ୍ପୂର୍ଣ୍ଣ ଆତ୍ମସମର୍ପଣ, ତାଙ୍କ ଦାସାନୁଦାସ ହେବାର ଅଭିପ୍ସା ଭାରତୀୟ ଆଧ୍ୟାତ୍ମିକତାର ଏକ ମହତ୍ ଶିକ୍ଷା । ଭଗବାନଙ୍କ ପରେ ଯେଭଳି ମର୍ଯ୍ୟାଦା ପାଇଥାଏ ଧର୍ମଗୁରୁ ବା ଆଧ୍ୟାତ୍ମିକ ଗୁରୁ, ନବ-ପ୍ରବର୍ତ୍ତିତ ଗଣତନ୍ତ୍ରରେ ଅଚିରେ ଧର୍ମଗୁରୁର ସ୍ଥାନ ନେଇଯାଇଛି ରାଜନୈତିକ ନେତା । ଆମ ଅଜ୍ଞାନତାର ସ୍ୱାର୍ଥାନ୍ଧତାର କରାମତିରେ ଏକ ପବିତ୍ର ପରମ୍ପରାର ଏମନ୍ତ ବିକଟ ପରିଣତି । ଆମ ଚେତନାରେ ଏକାଧିକ ପର୍ଯ୍ୟାୟର ସତ୍ୟର ଅସାମଞ୍ଜସ୍ୟ ସହାବସ୍ଥାନ, ସହାବସ୍ଥାନ ସହ ବିଭିନ୍ନ ଭାବଧାରା ଓ ବିଶ୍ୱାସ, ବିବିଧ ସଂସ୍କାର ଓ ଆଦର୍ଶ ଭିତରେ ମଲ୍ଲଯୁଦ୍ଧ, ଆମ ସାମ୍ପ୍ରତିକ ଆଚରଣର ପଟ୍ଟଭୂମିରେ ରହିଛି ଏମନ୍ତ ବ୍ୟାପାର ଏବଂ ଅବ୍ୟାପାର । ସେ ସବୁର ତାଲିକା ହେବ ଦୀର୍ଘ ।

କିନ୍ତୁ ଏକମାତ୍ର ଭାରତବର୍ଷରେ ହିଁ ବିବିଧ ଆଧ୍ୟାତ୍ମିକ ସମ୍ଭାବନା ଓ ଦର୍ଶନର ପରୀକ୍ଷା ନିରୀକ୍ଷା ସମ୍ଭବ ହୋଇଛି । ଆଜି ଆମ ଚେତନା ସେ ସବୁର ଉତ୍ତରାଧିକାରୀ, ଅଥଚ ସେସବୁରେ ସମନ୍ୱୟ ବିଧାନକରି ସେସବୁକୁ ମହତ୍ତମ ସତ୍ୟର ବହୁବିଧ ବିଭବ ରୂପେ ଅନୁଭବ କରିବାର ସାମର୍ଥ୍ୟ ଅର୍ଜନ କରିପାରି ନାହିଁ । କିନ୍ତୁ ମଣିଷ ଜାତି ଆଗରେ ଏଭଳି ବିଷମ ପରିସ୍ଥିତି ଉପୁଜେ ନାହିଁ, ଯାହା ଅତିକ୍ରମ କରିବାର ଶକ୍ତି ମଣିଷ ଚେତନାରେ ନ ଥିବ । ସେଭଳି ଶକ୍ତି ଭାରତର ଓ ଭାରତୀୟର ରହିଛି । ସମସ୍ୟା ଭିତରେ ଏ ଜୀବନ ଅତିକ୍ରାନ୍ତ ହୋଇଯାଇପାରେ; କିନ୍ତୁ ମୃତ୍ୟୁ ହିଁ ଜୀବନର ଅନ୍ତ ନୁହେଁ । ଜନ୍ମଜନ୍ମାନ୍ତର ବ୍ୟାପୀ ସେଦିଗରେ ଆମର ପ୍ରଗତି ଅବ୍ୟାହତ ରହିଥିବ ।

କିନ୍ତୁ ଯେଉଁ ପ୍ରାଥମିକ ସତ୍ୟ ସମ୍ପର୍କରେ ସଚେତନ ନ ରହିଲେ ଭାରତର ବିପର୍ଯ୍ୟୟକୁ ରୋକିବା ଦିଗରେ ଆମେ ସାମାନ୍ୟତମ ଅବଦାନ ବି ଦେଇପାରିବା ନାହିଁ, ତାହା ହେଲା ଆମ ଅଧଃପତନ ସକାଶେ ରାଜନୈତିକ, ଅର୍ଥନୀତିକ ଏବଂ ସାଂସ୍କୃତିକ ଦୁରାଚାର ଇତ୍ୟାଦି ମୌଳିକ ହେତୁ ନୁହନ୍ତି । ସେସବୁ ବ୍ୟାଧିର ଉପସର୍ଗ ମାତ୍ର । ଅସଲ ହେତୁ ଆମ ଚେତନାଗତ ସ୍ଥାଣୁତା । ଯେତେବେଳେ ଆମେ ଚିନ୍ତା କରିବା ଭଳି ଶ୍ରମ ସ୍ୱୀକାର ପାଇଁ ଅନିଚ୍ଛୁକ ହେଉ, ମହତ୍ତର ଜୀବନ ପାଇଁ ଆସ୍ପୃହାରୁ ଅବସର ନେଉ, ସେତେବେଳେ ଆମକୁ ମିଳିଥାଏ ନୃତ୍ୟ ନାମରେ ବିଭତ୍ସ ପ୍ରହସନ, ସଙ୍ଗୀତ ନାମରେ ତାଲିମପ୍ରାପ୍ତ କଣ୍ଠର ତୁଚ୍ଛା ସ୍ନାୟୁ-ଉତ୍ତେଜକ ନିନାଦ, ସାହିତ୍ୟ ନାମରେ ଶୈଳୀ-ସମୃଦ୍ଧ ରଙ୍ଗୀନ ଆବର୍ଜନା, ରାଜନୀତି ନାମରେ ଜୁଆଖେଳ ଓ ଘୋଡ଼ାବେପାର ଏବଂ ବାଣିଜ୍ୟ ବ୍ୟବସାୟ ନାମରେ ଭ୍ରଷ୍ଟାଚାର । ଆଜିର ଯୁଗ ସାମୂହିକତାର ଯୁଗ । ଯେଉଁ ଟିଭି ଆଜି ଅପସଂସ୍କୃତିର ପୃଷ୍ଠପୋଷକ, ତା'ର ପୃଷ୍ଠପୋଷକ ଆମେ ସାମୂହିକ ଦର୍ଶକ-ଶ୍ରୋତୃମଣ୍ଡଳୀ; ଯେଉଁ ନେତା ଅପରାଧ ଓ ଦୁର୍ନୀତିଗ୍ରସ୍ତ, ତାକୁ ନେତୃତ୍ୱ ପ୍ରଦାନ କରିଛି ସାମୂହିକତା ।

ଏହି ସାମୂହିକତା ସମଷ୍ଟିର ଉପାଦାନ କ'ଣ ? ଆପଣ ଏବଂ ମୁଁ । ବ୍ୟକ୍ତିକୁ ନେଇ ସମଷ୍ଟି । ଅତଏବ ବ୍ୟକ୍ତିଗତ ଆପଣ ଏବଂ ବ୍ୟକ୍ତିଗତ ମୁଁ, କେବେ ପ୍ରତ୍ୟକ୍ଷ, କେବେ ବା ପରୋକ୍ଷ ଭାବରେ ଏ ସାମୂହିକ ବେଦନାଦାୟକ ଅବସ୍ଥା ସକାଶେ ଦାୟୀ । ଏକଦା କୌଣସି ଏକ ବିଶେଷ ଅବସ୍ଥା ପାଇଁ ବ୍ୟକ୍ତିବିଶେଷ ଦାୟୀ ହେଉଥିଲା; ଆଜି ଅଧିକାଂଶ ଅବସ୍ଥା ପାଇଁ ଯେ ସମଷ୍ଟି ଦାୟୀ, ତାହା ପଶ୍ଚାତରେ

ରହିଛି ବିବର୍ତ୍ତନୀ ଶକ୍ତିର ଭୂମିକା । ସମଗ୍ର ମାନବଜାତିର ଚେତନାରେ ଯୁଗାନ୍ତକାରୀ ପରିବର୍ତ୍ତନର ସମୟ ସମାଗତ । ଅତଏବ ସାମୂହିକ ଭାବରେ ମଣିଷ ଯନ୍ତ୍ରଣା ପାଇବ, ସାମୂହିକ ଭାବରେ ହେବ ମୋହମୁକ୍ତ, ସାମୂହିକ ଭାବରେ ସେ ନିଜକୁ ପର୍ଯ୍ୟାଲୋଚନା କରିବ, ସାମୂହିକ ଭାବରେ ନିଜ ଭିତରେ ସୁସୁପ୍ତ ଅଭିପ୍ସାକୁ ଜାଗରିତ କରିବ, ଆଜିର ଅର୍ଦ୍ଧପଶୁବତ୍ ସ୍ଥିତି ଅତିକ୍ରମ କରି ଆଗକୁ ଯିବାର ମହତ୍ ସାହସ ସଞ୍ଚୟ କରିବ, ଏହା ହିଁ ସେ ବିବର୍ତ୍ତନୀ ଶକ୍ତିର ଦାବି ।

କର୍ମଫଳ ଅନିବାର୍ଯ୍ୟ, ପୁନର୍ଜନ୍ମ ଧ୍ରୁବ ସତ୍ୟ । ଆମେ ଆତ୍ମ- ପ୍ରତାରଣା ଜରିଆରେ ଏସବୁ ଜ୍ଞାନରୁ ନିଜ ନିଜ ଜୀବନଧାରାକୁ ବିଚ୍ୟୁତ କରି ରଖିଛୁ । କିନ୍ତୁ ପ୍ରକୃତରେ କୌଣସି ଭାରତୀୟ ଚେତନାର ଏ ସ୍ୱତଃ ନିହିତ ଆଲୋକ ନିର୍ବାପିତ ହୋଇପାରେନା । ଶେଷ ସମୟ ଉପନୀତ ହେବାବେଳକୁ ଏ ଜ୍ଞାନର ସ୍ତିମିତ ଶିଖା ପ୍ରଖର ହୋଇଉଠେ । କିନ୍ତୁ ସେତେବେଳକୁ ସେ ଜ୍ଞାନର ଆଲୋକରେ ଦିଗ୍‌ଦର୍ଶନ ପ୍ରାପ୍ତିର ସୁଯୋଗ ନ ଥାଏ; ଖାଲି ତା'ର ତୀବ୍ରତାରେ ଜ୍ୱାଳା ଅନୁଭବ କରିବା ହିଁ ସାର ହୁଏ ।

କିନ୍ତୁ ଏହି ଜ୍ୱାଳା ବା ତହିଁରୁ ଉଦ୍ଭୁତ ହତାଶାର ଅଭିଜ୍ଞତା ମଧ୍ୟ ଅସାର ନୁହେଁ । ଆମ ଅନିବାର୍ଯ୍ୟ ଚୈତ୍ୟସତ୍ତା ତାକୁ ସାଇତି ରଖେ । ତାକୁ ପରବର୍ତ୍ତୀ ଜୀବନକାଳରେ ଶୁଭାତ୍ମକ ରୀତିରେ ବ୍ୟବହାର କରେ ।

ଭାରତର ଅଧଃପତନରେ ଆମେ ବିକ୍ଷୁବ୍ଧ ହେବା ସ୍ୱାଭାବିକ । ସେ ବିକ୍ଷୋଭକୁ କିନ୍ତୁ ବିଦ୍ରୋହରେ ପରିଣତ କରିବାକୁ ହେବ । ସେ ବିଦ୍ରୋହ ପ୍ରାୟ ନିଜ ବିରୋଧରେ; ନିଜ ତାମସିକତା ଓ ଉଦ୍‌ଭ୍ରାନ୍ତ ବିଳାସ-ପରାୟଣତା ବିରୋଧରେ; ଆଜିର ଅଧଃପତିତ ଅବସ୍ଥା ପ୍ରତି ନିଜର ପ୍ରତ୍ୟକ୍ଷ ବା ପରୋକ୍ଷ ସମର୍ଥନ ବିରୋଧରେ । ମନେରଖିବାକୁ ହେବ, ସ୍ଥୂଳ ବାହାର ପରିସ୍ଥିତିରେ ସମସ୍ୟା ନାହିଁ; ସମସ୍ୟା ହେଲା ଆମ ଚେତନାର ଅପୂର୍ଣ୍ଣତାରେ, ଅଜ୍ଞାନରେ ଏବଂ ଅହଂକାରରେ । ସାମ୍ପ୍ରତିକ ତଥ୍ୟ ଦେଖାଉଛି, ତଥାକଥିତ ଉଚ୍ଚ ଜାତିର ଲୋକେ ଯେତିକି ନିର୍ମମ ହୋଇପାରନ୍ତି ନୀଚ ଜାତିର ଲୋକେ ଉଚ୍ଚ ଜାତି ପ୍ରତି ସେତିକି ନିର୍ମମ ହୋଇପାରନ୍ତି । ଏହି ଧରଣର ମୂଢ଼ତାକୁ ଯଦି ଧର୍ମାନ୍ତର ଦୂର କରିପାରୁଥାନ୍ତା, ତେବେ ଖ୍ରୀଷ୍ଟିଆନ ସମାଜରେ ପୁଣି 'ଦଳିତ ଖ୍ରୀଷ୍ଟିଆନ' ଭଳି ଗୋଷ୍ଠୀ ଗଢ଼ି ଉଠିବାର ଆବଶ୍ୟକତା ପଡ଼ନ୍ତା ନାହିଁ । ଏ ମାମୁଲି କଥା ନମୁନା ଭାବରେ ସ୍ମରଣ କରାଇଦେଉଛି । ଆମ ନିଜ ଚେତନା ଉପରେ ଆମର ପ୍ରଭୁତ୍ୱ, ତା'ର ବିଭିନ୍ନ ଦିଗ ଭିତରେ ସମନ୍ୱୟ ଓ ପୂର୍ଣ୍ଣତା ଦିଗରେ ଯତ୍‌ସମ୍ଭବ ପ୍ରୟାସ ହିଁ ସମଷ୍ଟିଗତ ଭାରତବର୍ଷ ପ୍ରତି ହେବ ବ୍ୟକ୍ତିଗତ ଭାରତୀୟର ଅବଦାନ; ଭାରତର ଆତ୍ମାପ୍ରତି ଆପଣଙ୍କର ଏବଂ ମୋର ଆତ୍ମାର ଶ୍ରଦ୍ଧାଞ୍ଜଳି ।

ଆକୁମାରୀ ହିମାଚଳ ବହି ବହି ତୃଷିତ ହୃଦୟ , ଆକୁଳ ଆଖିରେ ମୋର ଦହି ଦହି ଦୂର ଦିଗ୍‌ବଳୟ
ଅସୁମାରି କାଳ ଧରି ତୁମରି ମୁଁ କରେ ଅନ୍ୱେଷଣ ,ହେ ମୋର ଭାରତ-ଆତ୍ମା !
ହେ ମୋର ସ୍ୱପ୍ନ, ହେ ମୋ ଜାଗରଣ !
ବିଖଣ୍ଡିତ ମାନସର ଭାବାକୁଳ ବିକଳ ନୟନେ , ସେ କାହୁଁ ପଡ଼ିବ ଧରା ଗବେଷଣାଗାର ଅଧ୍ୟୟନେ ?
ଆକୁମାରୀ ହିମାଚଳ ପରିକ୍ରମା ହେଲେ ହେଁ ସମାପ୍ତ,ମୋ ସତ୍ତାର ଅନ୍ଧକାରେ ଭାରତର ଆତ୍ମା ଆବରିତ ।

*ଶ୍ରୀ ଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ, ୬୦୫୦୦୨*

(ସମାଜ ୧୫.୦୮.୦୮)